# NATIONAL NEWS BULLETIN (ODIA)

## 10th July - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ପଞ୍ଚଦେଶୀୟ ଗସ୍ତର ଶେଷ ପର୍ଯ୍ୟାୟରେ ନାମିବିୟା ସହ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷର କଲା ଭାରତ ।
- ଆଜି ରାଞ୍ଚିରେ ୨୭ତମ ପୂର୍ବାଞ୍ଚଳ କ୍ଷେତ୍ରିୟ ପରିଷଦ ବୈଠକରେ ଅଧ୍ୟକ୍ଷତା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୦ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରିବ ରେଳବାଇ ।
- ଶ୍ରୀଲଙ୍କା ଉପରେ ୧୪ ପ୍ରତିଶତ ରପ୍ତାନୀ ଶୁଳ୍କ ହ୍ରାସ କଲା ଆମେରିକା ।

ଏବଂ

- ମହିଳା କ୍ରିକେଟ୍‌ର ଚତୁର୍ଥ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ୬ ୱିକେଟ୍‌ରେ ଇଂଲଣ୍ଡକୁ ପରାସ୍ତ କଲା ଭାରତ ।

## ପି.ଏମ୍. - ନାମିବିୟା ରାଉଣ୍ଡଅପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଚଦେଶୀୟ ଗସ୍ତ ଶେଷ କରିଛନ୍ତି । ଘାନା, ତ୍ରିନିଦାଦ୍ ଓ ଟୋବାଗୋ, ଆର୍ଜେଣ୍ଟିନା ଏବଂ ବ୍ରାଜିଲ୍ ଗସ୍ତ କରିବା ପରେ ଶେଷ ପର୍ଯ୍ୟାୟରେ ନାମିବିୟା ଗସ୍ତ କରିଛନ୍ତି । ଏହି ଗସ୍ତକାଳରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ନାମିବିୟାରେ ଉଦ୍ୟୋଗ ବିକାଶ କେନ୍ଦ୍ର ସ୍ଥାପନ ଏବଂ ସ୍ୱାସ୍ଥ୍ୟ ଓ ଔଷଧ କ୍ଷେତ୍ରରେ ସହଯୋଗ ଲାଗି ୨ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଚଳିତ ବର୍ଷ ଶେଷ ଆଡ଼କୁ ନାମିବିୟାରେ ଡିଜିଟାଲ୍ ଦେୟ ବ୍ୟବସ୍ଥା ଆରମ୍ଭ କରିବା ଏବଂ ଭାରତଦ୍ୱାରା ନେତୃତ୍ୱାଧୀନ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଓ ବିଶ୍ୱ ଜୈବ ଇନ୍ଧନ ମେଣ୍ଟରେ ନାମିବିୟାର ଭାଗିଦାରିତା ନେଇ ମଧ୍ୟ ଘୋଷଣା କରାଯାଇଛି ।

ଏହି ଗସ୍ତ ଅବସରରେ ଗଣମାଧ୍ୟମକୁ ସମ୍ବୋଧିତ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ଦାମୁ ରବି କହିଛନ୍ତି, ଗତକାଲି ୱିଣ୍ଡ୍‌ହୋକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ ମୋଦି ଏବଂ ନାମିବିୟାର ରାଷ୍ଟ୍ରପତି ନେତୁମ୍ବୋ ନନ୍ଦି ନଦୈତ୍ୱୱା'ଙ୍କ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ହୋଇଥିଲା । ଏଥିରେ

ଖଣିଜ ପଦାର୍ଥ, ହାଇଡ୍ରୋ କାର୍ବନ୍, ପ୍ରତିରକ୍ଷା ସହଯୋଗ, ସ୍ୱାସ୍ଥ୍ୟ ସହଭାଗିତା, ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, ପରିବେଶ ଏବଂ କ୍ଷମତା ନିର୍ମାଣ କ୍ଷେତ୍ରରେ ସହଯୋଗ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଶ୍ରୀ ରବି କହିଛନ୍ତି, ନାମିବିୟା ହେଉଛି ବିଶ୍ୱର ପ୍ରଥମ ଦେଶ, ଯେଉଁଠାରେ ୟୁ.ପି.ଆଇ. ଭଳି ଦେୟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ୍ ସହିତ ଚୁକ୍ତି କରାଯାଇଛି । ଉଭୟ ନେତା ଆତଙ୍କବାଦର ଦୃଢ଼ ନିନ୍ଦା କରିବା ସହ ବହୁପକ୍ଷୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରିଛନ୍ତି ।

***Voice (Damu Ravi)*** :.......

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମିବିୟା ଗସ୍ତ ତାଙ୍କ ପଞ୍ଚରାଷ୍ଟ୍ରୀୟ ଗସ୍ତର ଶେଷ ଏବଂ ଭାରତ-ନାମିବିୟା ସମ୍ପର୍କରେ ଐତିହାସିକ ମୁହୂର୍ତ୍ତକୁ ସୂଚାଉଛି । ପ୍ରାୟ ୩ ଦଶନ୍ଧି ପରେ ପ୍ରଧାନମନ୍ତ୍ରୀ ସମ୍ପଦସମୃଦ୍ଧ ଦକ୍ଷିଣ ଆଫ୍ରିକା ଦେଶଗୁଡ଼ିକ ଗସ୍ତ କରିଥିଲେ । ଗସ୍ତକାଳରେ ସ୍ୱାସ୍ଥ୍ୟସେବା, ଡିଜିଟାଲ୍ ଭିତ୍ତିଭୂମି ଏବଂ କ୍ଷମତା ସୁଦୃଢ଼ୀକରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ ହୋଇଛି । ଆଫ୍ରିକା ସହିତ ଭାରତର ସମ୍ପର୍କକୁ ଆହୁରି ଦୃଢ଼ କରିବା କ୍ଷେତ୍ରରେ ଏବଂ ନାମିବିୟାର ସାମଗ୍ରିକ ବିକାଶ କ୍ଷେତ୍ରରେ ଭାଗିଦାରିତା ଭାରତର ପ୍ରତିବଦ୍ଧତାକୁ ଦୃଢ଼ କରିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୱିଣ୍ଡହୋକ୍‌ରେ ପହଞ୍ଚିବା ପରେ ତାଙ୍କୁ ଆନୁଷ୍ଠାନିକ ସ୍ୱାଗତ କରିବା ସହ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ପ୍ରବାସୀ ଭାରତୀୟମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ବିଦେଶରେ

ଭାରତୀୟ ସଂସ୍କୃତିର ସଂରକ୍ଷଣ କରିବାରେ ସେମାନଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୱିଣ୍ଡହୋକ୍‌ରେ ରହଣି ସମୟରେ ନାମିବିୟାର ପ୍ରତିଷ୍ଠାତା ସାମ୍ ନୁଜୋମା'ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭାରତ-ନାମିବିୟା ସମ୍ପର୍କକୁ ସୁଦୃଢ଼ କରିବା କ୍ଷେତ୍ରରେ ସ୍ୱୀକୃତି ପ୍ରଦାନପୂର୍ବକ ଶ୍ରୀ ମୋଦିଙ୍କୁ ନାମିବିୟାର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଥିଲା । ଏ ସମ୍ପର୍କରେ ଏକ ରିପୋର୍ଟ :

***Voice (Aparna Khund)*** :.......

## ଅମିତ୍ ଶାହା - ଇ.ଜେଡ୍.ସି. ମିଟିଙ୍ଗ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ରାଞ୍ଚିରେ ୨୭ତମ ପୂର୍ବାଞ୍ଚଳ କ୍ଷେତ୍ରିୟ ପରିଷଦ ବୈଠକରେ ଅଧ୍ୟକ୍ଷତା କରିବେ । ବୈଠକରେ ପୂର୍ବାଞ୍ଚଳ ରାଜ୍ୟ ଝାଡ଼ଖଣ୍ଡ, ବିହାର, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ୭୦ ଜଣ ପ୍ରତିନିଧି ଯୋଗଦେବେ ।

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ୍ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବାବେଳେ ବିହାରରୁ ଉପମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ ଏବଂ ପଶ୍ଚିମବଙ୍ଗରୁ ମନ୍ତ୍ରୀ ଚନ୍ଦ୍ରିକା ଭଟ୍ଟାଚାର୍ଯ୍ୟ ପ୍ରତିନିଧିତ୍ୱ କରିବେ । ଝାଡ଼ଖଣ୍ଡରୁ ସେଠାକାର ମୁଖ୍ୟମନ୍ତ୍ରୀ ହେମନ୍ତ

ସୋରେନ୍ଙ୍କ ସମେତ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀମାନେ ପ୍ରତିନିଧିତ୍ୱ କରିବେ ।

ବୈଠକରେ ବିହାର, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ବିଚାରାଧୀନ ଆନ୍ତଃରାଜ୍ୟ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ପୂର୍ବରୁ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତିର ଅଗ୍ରଗତି ସମ୍ପର୍କରେ ମଧ୍ୟ ବୈଠକରେ ସମୀକ୍ଷା କରାଯିବ । ଏହି ବୈଠକପାଇଁ ୨୦ଟିରୁ ଅଧିକ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି । ଯେଉଁଥିରେ କେନ୍ଦ୍ରଠାରୁ ୧ ଲକ୍ଷ ୩୬ ହଜାର କୋଟି ଟଙ୍କାର ପ୍ରାପ୍ୟ ଦାବି ଅନ୍ତର୍ଭୁକ୍ତ । ସୂଚନା ଅନୁଯାୟୀ ବୈଠକରେ ଝାଡ଼ଖଣ୍ଡ ସରକାର ୧୪ଟି ଜିଲ୍ଲାରେ ସୁରକ୍ଷା ସମ୍ବନ୍ଧୀୟ ଦେୟ ପାଣ୍ଠି ପୁନଃସ୍ଥାପନ କରିବା ଲାଗି ଅନୁରୋଧ କରିଥିଲେ । ଏହାବ୍ୟତୀତ ବିହାର ସହିତ ସମ୍ପତ୍ତି ଓ ଦାୟିତ୍ୱ ବଣ୍ଟନ ଏବଂ ପଶ୍ଚିମବଙ୍ଗ ସହ ଜଳ ବଣ୍ଟନ ପ୍ରସଙ୍ଗ ଉପରେ ମଧ୍ୟ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ପି.ଏମ୍. - ନାମିବିୟା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଆଫ୍ରିକାକୁ କେବଳ କଞ୍ଚାମାଲ୍‌ର ଉତ୍ସ ଭାବେ ବିବେଚନା କରାଯିବା ଉଚିତ ନୁହେଁ; ବରଂ ଏକ ମହାଦେଶ ଭାବରେ ସ୍ଥାୟୀ ଅଭିବୃଦ୍ଧିର ନେତୃତ୍ୱ ନେବାପାଇଁ ନାମିବିୟା ସମର୍ଥ ବୋଲି ଶ୍ରୀ ମୋଦି କହିଛନ୍ତି । ସେଠାକାର ସଂସଦକୁ ସମ୍ବୋଧିତ କରି ଶ୍ରୀ ମୋଦି

ଆଫ୍ରିକୀୟ ସଂଘର ୨୦୬୩ ଏଜେଣ୍ଡାକୁ ସମର୍ଥନ କରିବା ସହ ଏହାର ଶିଳ୍ପାୟନ ଲକ୍ଷ୍ୟପାଇଁ ଭାରତ ସମର୍ଥନ କରିବ ବୋଲି କହିଛନ୍ତି । ଶ୍ରୀ ମୋଦି କହିଛନ୍ତି, କେବଳ ନିଜସ୍ୱ ଶକ୍ତି ନୁହେଁ; ବରଂ ସହଭାଗିତା ମାଧ୍ୟମରେ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକ ଭବିଷ୍ୟତ ନିର୍ମାଣ ଦିଗରେ ଅଗ୍ରସର ହେବା ଆବଶ୍ୟକ । ଆଫ୍ରିକାରେ ଦକ୍ଷତା ନିର୍ମାଣ, ନିଯୁକ୍ତି ସୃଷ୍ଟି ଏବଂ ନବସୃଜନକୁ ପ୍ରୋତ୍ସାହନ କରିବା ଦିଗରେ ଭାରତ ସମସ୍ତ ସହାୟତା ଯୋଗାଇଦେବ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ।

ସେ କହିଛନ୍ତି, ନାମିବିୟା ତା'ର ପ୍ରଥମ ମହିଳା ରାଷ୍ଟ୍ରପତି ନିର୍ବାଚିତ କରିବା ଗଣତାନ୍ତ୍ରିକ ଶକ୍ତିର ଏକ ଦୃଢ଼ ପ୍ରତିଫଳନ । ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିଷୟ ମଧ୍ୟ ପ୍ରଧାନମନ୍ତ୍ରୀ ଉପସ୍ଥାପନ କରିଥିଲେ ।

## ରେଲ୍‌ୱେ - ଜବ୍‌ସ

୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ଭାରତୀୟ ରେଳବାଇ ୯ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରିଛି । ଏହି ଆର୍ଥିକ ବର୍ଷର ଶେଷ ସୁଦ୍ଧା ୫୦ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରାଯିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି । ୨୦୨୪ ମସିହା ନଭେମ୍ବର ପରଠାରୁ ରେଳବାଇ ଚୟନ  ବୋର୍ଡ଼ ୫୫ ହଜାର ୧୯୭ଟି ପଦବି ପାଇଁ ୧ କୋଟି

୮୬ ଲକ୍ଷ ପରୀକ୍ଷାର୍ଥୀଙ୍କୁ କମ୍ପ୍ୟୁଟର ଆଧାରିତ ପରୀକ୍ଷା ଦେବା ଲାଗି ସୁଯୋଗ ଦେଇଛି । ୨୦୨୪ ପରଠାରୁ ୧ କୋଟି ୮ ଲକ୍ଷ ପଦବି ନିମନ୍ତେ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖାଯାଇଛି । ଆସନ୍ତା ଆର୍ଥିକ ବର୍ଷରେ ଅଧିକ ୫୦ ହଜାର ନିଯୁକ୍ତି ଦେବାଲାଗି ବ୍ୟବସ୍ଥା କରାଯାଉଥିବା ରେଳବାଇ ପକ୍ଷରୁ କୁହାଯାଇଛି । ଏହିସବୁ ପଦବିଗୁଡ଼ିକ ପୂରଣ କରିବା ନିମନ୍ତେ କମ୍ପ୍ୟୁଟର ଆଧାରିତ ପରୀକ୍ଷା ଏକ କଠିନ ବ୍ୟାପାର ହୋଇଥିବାବେଳେ ପରୀକ୍ଷାର୍ଥୀମାନଙ୍କ ବାସସ୍ଥାନ ନିକଟବର୍ତ୍ତୀ ଅଞ୍ଚଳରେ ପରୀକ୍ଷା କେନ୍ଦ୍ର କରିବା ଲାଗି ପଦକ୍ଷେପ ନିଆଯାଉଛି । ବିଶେଷକରି ମହିଳା ଏବଂ ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି ।

ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ କରିବା ଲାଗି ରେଳବାଇ ପକ୍ଷରୁ ପ୍ରଥମ ଥର ଲାଗି ଆଧାର ଆଧାରିତ ଇ-କେ.ୱାଇ.ସି. ଚିହ୍ନଟୀକରଣ କରାଯାଉଛି । ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏ କ୍ଷେତ୍ରରେ ୯୫ ପ୍ରତିଶତ ସଫଳତା ମିଳିପାରିଛି । ଅନ୍ୟପକ୍ଷରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ କପି ରୋକିବା ଲାଗି ଶତ ପ୍ରତିଶତ ଇଲେକ୍ଟ୍ରୋନିକ ଯାମର ବ୍ୟବହାର କରାଯାଉଛି ।

## ୟୁ.ଏସ୍. - ଶ୍ରୀଲଙ୍କା ଟାରିଫ୍ସ

ଶ୍ରୀଲଙ୍କା ଉପରେ ଲାଗୁ ହୋଇଥିବା ୪୪ ପ୍ରତିଶତ ରପ୍ତାନୀ ଶୁଳ୍କକୁ ଆମେରିକା ୩୦ ପ୍ରତିଶତକୁ ହ୍ରାସ କରିଛି । ଆସନ୍ତାମାସ ୧ ତାରିଖରୁ ଏହି

ଶୁଳ୍କ ବ୍ୟବସ୍ଥା ଲାଗୁ ହେବ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଶ୍ରୀଲଙ୍କାର ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ମଧ୍ୟରେ ଚଳିତ ବର୍ଷ ମଇ ମାସରେ ୱାଶିଂଟନ୍‌ରେ ଅନୁଷ୍ଠିତ ବୈଠକରେ ହୋଇଥିବା ଆଲୋଚନା ଆଧାରରେ ଏହି ଶୁଳ୍କ ହ୍ରାସ କରାଯାଇଛି । ଶୁଳ୍କ ହ୍ରାସ କରାଯାଇଥିଲେ ମଧ୍ୟ ଶ୍ରୀଲଙ୍କାର ଅର୍ଥନୈତିକ ପୁନରୁତ୍ଥାନ କ୍ଷେତ୍ରରେ ଏହା ସହାୟକ ହେବ ନାହିଁ ବୋଲି ଜଣାପଡ଼ିଛି । ୨୦୨୨ ପରଠାରୁ ସଙ୍କଟଜନକ ଅର୍ଥନୈତିକ ପରିସ୍ଥିତିରୁ ଶ୍ରୀଲଙ୍କା ମୁକୁଳୁଥିବାବେଳେ ଆମେରିକାର ଶୁଳ୍କ ବୃଦ୍ଧି ଖରାପ ପ୍ରଭାବ ପକାଇବାର ଆଶଙ୍କା ରହିଛି ।

ଶୁଳ୍କ ହ୍ରାସ ପରେ ଶ୍ରୀଲଙ୍କାର ଉପବୈଦେଶିକ ମନ୍ତ୍ରୀ ଅଣ୍ଣୁଣ ହେମଚନ୍ଦ୍ର କହିଛନ୍ତି, ଶ୍ରୀଲଙ୍କାପାଇଁ ଶୁଳ୍କ ହ୍ରାସ କିଛିମାତ୍ରାରେ ଅର୍ଥନୈତିକ ଅଭିବୃଦ୍ଧିକୁ ସହାୟତା କରିବାର ସମ୍ଭାବନା ରହିଛି ।

## ସୀତାରମଣ - ଏନ.ବି.ଏଫ୍.ସି.

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡ଼ିକୁ ଗ୍ରାହକ ସୁରକ୍ଷାକୁ ଗୁରୁତ୍ୱ ଦେବା ଉପରେ ଜୋର୍ ଦେଇଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡ଼ିକ ବିପଦ ପରିଚାଳନା ଉପରେ

ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, କରୋନା ପରଠାରୁ ସମ୍ପତ୍ତି ଗୁଣବତ୍ତା କ୍ଷେତ୍ରରେ ପୁନରୁଦ୍ଧାର ଦେଖାଦେଇଛି । ଫଳରେ ୨୦୨୧ ମାର୍ଚ୍ଚରେ ଏହି ହାର ୬ ଦଶମିକ ୪ ପ୍ରତିଶରୁ ହ୍ରାସ ପାଇ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ୩ ପ୍ରତିଶତରେ ପହଞ୍ଚିଛି ।

ଅର୍ଥମନ୍ତ୍ରୀ କହିଛନ୍ତି, ବ୍ୟାଙ୍କ୍ ଋଣ ଏବଂ ଆର୍ଥିକ ପରିସ୍ଥିତି ଉପରେ ଲାଗୁ ହୋଇଥିବା ନିୟାମକ ପଦକ୍ଷେପଗୁଡ଼ିକ ଫଳରେ ସାମଗ୍ରିକ ପାଣ୍ଠିଗୁଡ଼ିକ ବିକାଶରେ ଉନ୍ନତି ଘଟିବ । ଆଲୋଚନାଚକ୍ରରେ ଶ୍ରୀମତୀ ସୀତାରମଣ ଭାରତୀୟ ରିଜର୍ଭ ବ୍ୟାଙ୍କ୍ର ପଦକ୍ଷେପଗୁଡ଼ିକ ପାଣ୍ଠି ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ ବୋଲି କହିଛନ୍ତି । ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ ଏବଂ ବ୍ୟାଙ୍କ୍‌ଗୁଡ଼ିକ ମଧ୍ୟରେ ଋଣ ବ୍ୟବସ୍ଥା ଓ ସହଭାଗିତାକୁ ନେଇ ସମ୍ପର୍କ ଦୃଢ଼ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆର୍ଥିକ ଅନ୍ତର୍ଭୁକ୍ତିକୁ ଆର୍ଥିକ ଶୋଷଣର ମାଧ୍ୟମ ଭାବେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି ।

## ୱିମେନ୍ କ୍ରିକେଟ୍ - ଇଣ୍ଡିଆ-ଇଂଲଣ୍ଡ

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ମହିଳା କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ଚତୁର୍ଥ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଭାରତ ୬ ୱିକେଟ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି ।

ଏମିରେଟ୍ସ୍ ଓଲ୍ଡ୍ ଟ୍ରାଫୋର୍ଡ଼ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୧୨୬ ରନ୍ ସ୍କୋର୍ କରିଥିଲା । ଏହାର ଜବାବ୍‌ରେ ଭାରତ ୧୭ ଓଭର୍‌ରେ ୪ ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ସ୍ମୃତି ମନ୍ଧାନା ୩୨ ଏବଂ ସେଫାଳି ବର୍ମା ୩୧ ରନ୍ ସ୍କୋର୍ କରିଥିଲେ । ଗତକାଲିର ବିଜୟ ସହ ଭାରତ ୩-୧ରେ ଆଗୁଆ ରହିଛି ।

## କ୍ରିକେଟ୍ - ଇଣ୍ଡିଆ-ଇଂଲଣ୍ଡ

ଇଂଲଣ୍ଡରେ ଚାଲିଥିବା ପାଞ୍ଚ ମ୍ୟାଚ  ବିଶିଷ୍ଟ ଆଣ୍ଡରସନ-ତେନ୍ଦୁଲ୍‌କର ଟ୍ରଫି କ୍ରିକେଟ ସିରିଜ୍‌ର ତୃତୀୟ ଟେଷ୍ଟ ମ୍ୟାଚ ଆଜି ଲର୍ଡସ୍ସ ଠାରେ ଆରମ୍ଭ ହେବ। ଭାରତୀୟ ସମୟ ଅପରାହ୍ନ ୩ଟା ୩୦ମିନିଟ୍‌ରେ ଏହି ମ୍ୟାଚ ଆରମ୍ଭ ହେବ । ଆହତ କାରଣରୁ ବ୍ରିମିଂହାମ ଟେଷ୍ଟ ଖେଳି ନ ଥିବା  ଯଶପ୍ରୀତ ବୁମ୍‌ରା ପୁଣି ଦଳରେ ସାମିଲ ହୋଇଛନ୍ତି । ସୂଚନାଯୋଗ୍ୟ ଉଭୟ ଦଳ ଗୋଟିଏ ଗୋଟିଏ ମ୍ୟାଚ ଜିତି ସମାନ ସ୍ତରରେ ଅଛନ୍ତି । ୧୯୮୬ମସିହା, ୨୦୧୪ମସିହା ଏବଂ ୨୦୨୧ ମସିହାରେ ଭାରତ ଲର୍ଡସ୍ କ୍ରିକେଟ ଗ୍ରାଉଣ୍ଡରେ ଟେଷ୍ଟ ମ୍ୟାଚ ଜିତିଥିବାବେଳେ ଆଜିର ମ୍ୟାଚ ଜିତିବା ନେଇ ଆଶା କରାଯାଉଛି ।

*****